# Akashvani, Sambalpur

## SAMBALPURI NEWS EVENING BULLETIN

## 1 August 2024- 7.02 pm- 7.12 pm.

*******************************************

୧- ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ଜନମ୍‌ଦିନ୍ ଉଧେଁ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲିତ୍ ହେଉଛେ ସମ୍ବଲ୍‌ପୁରୀ ଦିନ ।

୨- ଏତ୍‌କେ ରାଜ୍ୟ ସର୍‌କାର୍ ତଫସିଲ୍‌ଭୁକ୍ତ ଜାତି ଆଉ ଉପଜାତି ସଂରକ୍ଷିତ ବର୍ଗର୍ ଉପବର୍ଗୀକରଣ୍ କରିପାର୍‌ବେ - କହେଲେ ସୁପ୍ରିମ୍‌କୋର୍ଟ ।

୩- ଅଲମ୍ପିକ୍ସର ୫୦ ମିଟର୍ ରାଇଫଲ୍ ଚାଲନାଥି ବ୍ରୋଞ୍ଜ୍ ପଦକ୍ ଜିତ୍‌ଲେ ଭାରତ୍‌ର ସ୍ୱପ୍ନିଲ୍ କୁଶାଲେ ।

ଆଉର୍

୪- ସମ୍ବଲ୍‌ପୁର୍, ବଲାଙ୍ଗିର୍ ସହେତେ ୪ ଟା ଜିଲ୍ଲା ନ ଅତିପ୍ରବଲ୍ ବର୍ଷା ହେବା ବଲି ସତର୍କ କରାଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ।

## ସମ୍ବଲପୁରୀ ଦିନ

ସମ୍ବଲପୁର୍/ ସୁବର୍ଣ୍ଣପୁର/ ବର୍‌ଗଡ୍‌/ ବୌଦ୍ଧ ସମ୍ବାଦଦାତା

ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ପାଲିତ୍ ହେଉଛେ ସମ୍ବଲ୍‌ପୁରୀ ଦିନ୍ । ସମ୍ବଲପୁରୀ ସାହିତ୍ୟର ନାଁକରା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମ ଶତବାର୍ଷିକୀ ବଛ୍‌ରନୁ ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗେ ତାଙ୍କର ବଡ ଅବଦାନକେ ସୁର୍‌ତା କରିକରି ଗଲା ୧୦ ବଛର୍ ହେଲା ଅଗଷ୍ଟ ୧ ତାରିଖ୍ ଦିନ ସମ୍ବଲ୍‌ପୁରୀ ଦିନ୍ ପାଲନ୍ କରାଯାଉଛେ । ସମ୍ବଲ୍‌ପୁରୀ ଦିନ୍ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଶୁଭେଚ୍ଛା ଜନେଇକରି ସମସ୍ତଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଣମାଧ୍ୟମ୍ ଜରିଏ ସ୍ୱର୍ଗତ ବହିଦାର୍‌ଙ୍କର୍ ସ୍ମୃତିଚାରଣ୍ କର୍‌ବାର୍ ସହେତେ ସମସ୍ତଙ୍କର୍ ସୁଖ ସମୃଦ୍ଧି କାମନା କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗୁଟେ ଭିଡ଼ିଓ ବାର୍ତାଥି ସମ୍ବଲ୍‌ପୁରୀ ଦିନ୍ ଲାଗି ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ସେ କହିଛନ୍ ଯେ, ସମ୍ବଲ୍‌ପୁରୀ ସଂସ୍କୃତି ଆର୍ ଇତିହାସ୍ ଉପ୍‌ରେ ଉଚ୍ଚ ଦର୍‌ଜାର୍ ଗବେଷଣା ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍‌ଥି ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ଥାପ୍‌ନା କରାଯାଇଛେ । ରାଜ୍ୟ ଉଚ୍ଚଶିକ୍ଷା ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ସମ୍ବଲ୍‌ପୁରୀ ଦିନ୍ ଉଲ୍‌ଗୁନେ ଶୁଭେଚ୍ଛା ଜନେଇଛନ୍ ।

ସମ୍ବଲ୍‌ପୁରୀ ଦିନ୍ ଅବ୍‌ସରେ ସାଧାରଣ୍ ଲୁକ୍‌କର୍ ସହେତେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅନୁରୋଧ୍‌ଥି ସବୁ ସର୍‌କାରୀ ଅଫିସର୍ ଅଧିକାରୀ ଆର୍ କର୍ମଚାରୀମାନେ ସମ୍ବଲ୍‌ପୁରୀ କପ୍‌ଡ଼ା ପିନ୍ଧିଥିବାର୍ ଦେଖ୍‌ବାର୍‌କେ ମିଲିଥିଲା ।

ଇତାର୍‌ସଙ୍ଗେ କଚ୍‌ରୀ ରାସ୍ତା ଆର୍ ଗଙ୍ଗାଧର୍ ମଣ୍ଡପ୍  ନ ସମ୍ବଲ୍‌ପୁରୀ କଳା ସଂସ୍କୃତି, ପରମ୍ପରା ଉପ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା, କବିତା ପାଠୋତ୍ସବ୍ ଆର୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଉଛେ । ସଖାଲେ ସମ୍ବଲ୍‌ପୁରର୍ ବାଲିବନ୍ଧା ଠାନେ ଥିବା ସତ୍ୟନାରାୟଣ୍‌ଙ୍କର୍ ବାସଭବନ୍ ନ ଭିନ୍ ଭିନ୍ ବର୍ଗ ଆର୍ ସଂଗଠନ୍‌ର ଲୁକେ ପହଁଚିକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ହେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ବହୁତ୍‌ଟେ ଜାଗା ନ କବି ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ଜୟନ୍ତୀ ପାଳନ୍ କରାଯାଇଛେ । ସୁବର୍ଣ୍ଣପୁର୍‌ର ଭୀମଭୋଇ ଛକ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି କବି ସତ୍ୟନାରାୟଣ୍ ବହିଦାର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ସିଆନ୍ ସୁଜନ୍‌ମାନେ କବି ବହିଦାର୍‌ଙ୍କର୍ ସାହିତ୍ୟକୃତି ଉପ୍‌ରେ ଆଲୋଚନା କରିଥିଲେ । ବୀର୍‌ମହାରାଜ୍‌ପୁର୍ କଦ୍‌ଲିପାଲି ଛକ୍‌ଠାନେ ଏକତାଗ୍ରୁପ୍ ତର୍‌ଫୁ ଗୁଟେ କାର୍ଯ୍ୟକ୍ରମ୍‌ଥି ଗବେଷକମାନେ କବିଙ୍କର୍ ଭାଷା ଭାବନା ଆର୍ ସାହିତ୍ୟ ସାଧନା ଉପ୍‌ରେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଯୁଆନ୍ ଆଉ

ଶିଶୁ ଶିଲ୍ପୀମାନ୍‌କର୍ ତରଫୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ବୌଦ୍ଧ ଟାଉନ୍‌ହଲ୍‌ଠାନେ ପଶ୍ଚିମାଂଚଲ୍ ଏକତା ମଂଚ୍ ଆର୍ ଜିଲ୍ଲା ଆର୍ଟିଷ୍ଟ ଏସୋସିଏସନ୍ ତରଫୁ ସମ୍ବଲ୍‌ପୁରୀ ଦିନ୍ କାର୍ଯ୍ୟକ୍ରମ୍‌ଥି କୁନୁଆଁ ଆର୍ ଶ୍ରୋତାମାନେ ସମ୍ବଲ୍‌ପୁରୀ ବସ୍ତ୍ର ପିନ୍ଧିକରି ସାମିଲ୍ ହେଇଥିଲେ । ଇନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସମ୍ବଲ୍‌ପୁରୀ ଦିନ୍ ଉଲ୍‌ଗୁନେ କାର୍ଯ୍ୟକ୍ରମ୍ ମାନ୍ କରାଯାଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ପାରମ୍ପାରିକ୍ ସମ୍ବଲ୍‌ପୁରୀ ବସ୍ତ୍ର ପିନ୍ଧିକରି ସମ୍ବଲ୍‌ପୁରୀ ଦିନ୍ ପାଲନ୍ କରିଛନ୍ । ବର୍‌ଗଡ଼୍ ବିଜୁ ପଟ୍ଟନାୟକ୍ ଟାଉନ୍‌ହଲ୍, ବିଜେପୁର୍, ଲାଦେର୍‌ପାଲି ରାମ୍‌ଚଣ୍ଡୀ କଲ୍ୟାଣ୍ ମଣ୍ଡପ୍, ପଦମ୍‌ପୁର୍ ରାଜାଜୀ ଟାଉନ୍‌ହଲ୍ ବାଗିର୍ ଭିନ୍ ଭିନ୍ ଠାନ୍‌ମାନ୍‌କେ ସାହିତ୍ୟ ସଭା କରାଯାଇଥିଲା ।

ହେନ୍ତା ସୁନ୍ଦର୍‌ଗଡ଼୍, ରାଉର୍‌କେଲା, ଝାର୍‌ସୁଗୁଡ଼ା, ବ୍ରଜରାଜ୍‌ନଗର୍, ହୀରାକୁଦ୍, ବୁର୍ଲା, କୁଚିଣ୍ଡା ସହେତେ ବହୁତ୍‌ଟେ ଜାଗା ନ ସମ୍ବଲ୍‌ପୁରୀ ଦିନ୍ ଉଲ୍‌ଗୁନେ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ଲୋକସଭା ସଂରକ୍ଷିତ ବର୍ଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍କାର୍ ଏତ୍କେ ତଫସିଲ୍ଭୁକ୍ତ ଜାତି ଆଉ ଉପଜାତି ସଂରକ୍ଷିତ ବର୍ଗର୍ ଗୋଷ୍ଠୀମାନ୍କୁ ସଂରକ୍ଷଣ୍ ସୁବିଧା ଦେବାର୍ ଲାଗି ପଛୁଆ ଶ୍ରେଣୀ ଆଧାର୍ଥି ଉପବର୍ଗୀକରଣ୍ କରିପାର୍ବେ ବଲି ସୁପ୍ରିମ୍କୋର୍ଟ ଆଏଜ୍ ରାୟ ଦେଇଛନ୍ । ଇ ବାବ୍ଦର୍ ମାମ୍ଲାର୍ ଶୁଣାଣି କରିକରି ପ୍ରଧାନ୍ ବିଚାର୍ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼୍ଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ୭ ଝନିଆ ସାମ୍ବିଧାନିକ୍ ଖଣ୍ଡପୀଠ ଇ ରାୟ ଦେଇଛନ୍ । ଇତାର୍ସହେତେ ୨୦୦୪ ଇ.ଭି. ଚିନ୍ନାୟା ବନାମ୍ ଆନ୍ଧ୍ରପ୍ରଦେଶ୍ ରାୟକେ ୬/୧ ସଂଖ୍ୟା ଗରିଷ୍ଠତା ଭିତିନ ଘୁଁଚେଇ ନେଇଛନ୍ । ୨୦୦୪ ମସିହାର୍ ରାୟ ଅନ୍ସାରେ ଅନୁସୂଚିତ ଜାତି ଆଉ ଜନଜାତି ସଂରକ୍ଷିତ ବର୍ଗ ଗୋଷ୍ଠୀମାନ୍କର୍ ଉପବର୍ଗୀକରଣ୍ ସମ୍ବିଧାନ୍ର ଧାରା ୩୪୧ ର ବିପରିତ ଆଏ ବଲି ଦର୍ଶାଯାଇଥିଲା । ରାଷ୍ଟ୍ରପତିଙ୍କୁ ଇ ବାବ୍ଦେ ତାଲିକା ତିଆର୍ କର୍ବାର୍କେ କ୍ଷମତା ଦିଆଯାଇଥିଲା ।

ଖଣ୍ଡପୀଠ କହିଛନ୍ ଯେ, ବ୍ୟବସ୍ଥାଗତ ପ୍ରଭେଦ୍ ଲାଗି ଅନୁସୂଚିତ ଜାତି ଆଉ ଜନଜାତି ବର୍ଗର ପ୍ରକୃତ ସୁଫଲ୍ ପାଏବାର୍ନୁ ବଂଚିତ୍ ହେଉଛନ୍ । ସମ୍ବିଧାନ୍ର ଧାରା ୧୪ ଜାତିର ଉପବର୍ଗୀକରଣ୍କେ ଅନୁମତି ପ୍ରଦାନ୍ କରିଛନ୍ । ଖଣ୍ଡପୀଠ ଆହୁରି କହିଛନ୍ ଯେ, ରାଜ୍ୟ ଭିତିଥି ଅନୁସୂଚିତ ଜାତି ଆଉ ଜନଜାତି ସମାନ୍ ଶ୍ରେଣୀଭୁକ୍ତ ନୁହନ୍ । ରାଜ୍ୟ ମାନ୍କର୍ ତର୍ଫୁ ତଫସିଲ୍ଭୁକ୍ତ ଜାତି ଆଉ ଉପଜାତିର ଉପବର୍ଗୀକରଣ୍ ୩୪୧ ର ଉଲ୍ଲଂଘନ୍ ନାଇଁ କର୍ବାର୍ ବଲି ସୁପ୍ରିମ୍କୋର୍ଟ ତାଙ୍କର୍ ରାୟଥି ଫଟିକ୍ କରିଛନ୍ ।

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ କାମ୍- ଓଡ଼ିଆ ଭାଷା

ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ସବୁ ସର୍‌କାରୀ କାମ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ହେବା । ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ଇ ବାବ୍‌ଦେ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ । ନିର୍ଦ୍ଦେଶ୍ ଆଧାର୍‌ଥି ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ସବୁ ଅଧିକାରୀ ଆର୍ କର୍ମଚାରୀ କାର୍ଯ୍ୟାଲୟର୍ ନଥିପତ୍ର ଆଉ ସବୁ ଚିଠି ଓଡ଼ିଆ ଭାଷାଥି ଲେଖିବେ । ଇତାର୍‌ସହେତେ ସବୁ ବୈଠକ୍ ନ ବିବରଣୀ ଓଡ଼ିଆଥି ଜାରି କରାଯିବା ।

ହସ୍ତତନ୍ତ ଚାହିଦା                ଆର୍‌ଏନ୍‌ୟୁ /ସମ୍ବଲପୁର

ହସ୍ତତନ୍ତ ବସ୍ତ୍ରର୍ ଚାହିଦା ଦିନ୍‌କେ ଦିନ୍ ବଢୁଥିବାର୍ ବେଲେ ବିହା ବର୍‌ପନ୍ କି ଉତ୍ସବ୍ ମାନ୍‌କେ ସମ୍ବଲ୍‌ପୁରୀ ହଉ କି ବମ୍‌କେଇ ପାଟର ପସନ୍ଦ୍ ବଢୁଛେ । ଓଡ଼ିଶାର୍ ବୟନିକା ଆଉ ଅମ୍ଳାନ୍ କେନ୍ଦ୍ର ନ ଗଲା ୩ ବଛ୍‌ରେ ୩ ଶହ ୯୫ କୋଟି ୪୭ ଲାଖ୍ ୪୩ ହଜାର୍ ଟଙ୍କାର୍ ଦରବ୍ ବିକ୍ରି ହେଇଛେ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ବିଭାଗ୍‌ର ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ ଯେ, ବୟନିକା ବିକ୍ରୟ କେନ୍ଦ୍ର ନ ୪୩

ଟା ଷ୍ଟଲ୍ ଆଉ ଇ-ବାଣିଜ୍ୟ ପ୍ରକୋଷ୍ଠ ଜରିଏ ହସ୍ତତନ୍ତ ସାମଗ୍ରୀ ବିକ୍ରି କରାଯାଉଛେ । ହେନ୍ତା ଅମ୍ଲାନ୍‌ର ୫ ଟା ବିକ୍ରିୟ କେନ୍ଦ୍ର ଆଉ ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମ ନ ହସ୍ତତନ୍ତ ଦରବ୍ ବିକ୍ରି ଆଉ ସୁବିଧା ରହିଛେ । ଇ ଦୁହି ସଂସ୍ଥା ନିଜର୍ ଓ୍ୱେବ୍‌ସାଇଟ୍ ଆଉ ଇ-ବାଣିଜ୍ୟ ଥି ପଞ୍ଜିକୃତ ହେଇଛନ୍ । ବୟନଶିଳ୍ପ ଆଉ ହସ୍ତତନ୍ତ ବିଭାଗ୍ ଆଉ ବିଭାଗ୍‌ର ଅଧିନ୍‌ର କର୍ମଚାରୀମାନ୍‌କୁ ଫି' ସୋମ୍‌ବାର୍ ଆଉ ଶୁକ୍ରବାର୍ ଦିନ ହସ୍ତତନ୍ତ ବସ୍ତ୍ର ପିନ୍ଧ୍‌ବାର୍ ବାଗିର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହାତ୍‌କେ ନିଆଯାଇଥିବାର୍ ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ହୀରାକୁଦ୍ ବିସ୍ଥାପିତ-ପଟ୍ଟା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ପହେଲାକରି ହୀରାକୁଦ୍ ନଦୀବନ୍ଧ ବିସ୍ଥାପିତ ଘର୍‌ଡିହ ପଟ୍ଟା ବଂଟାଯାଇଛେ । ରେଙ୍ଗାଲିର୍ କୁର୍ଲା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ୍ ପୂଜାରୀ କୁର୍ଲା ଆର୍ ଠୁଠି କତର୍‌ବଗାର୍ ୨ ଶହ ୨୬ ବିସ୍ଥାପିତ୍ ପରିବାର୍‌କେ ୧୦ ଡିସ୍‌ମିଲ୍ ଲେଖା ଜମିର୍ ପଟ୍ଟା ହସ୍ତାନ୍ତର୍ କରିଥିଲେ । ଆଗ୍‌କେ ଇ ଘର୍‌ଡିହଥି ଆବାସ୍ ଯୋଜ୍‌ନାଥି ଘର୍, ବିଜ୍‌ଲି ଆର୍ ପାଏନ୍ ସୁବିଧା କରାଯାଇପାର୍‌ବା ବଲି ମନ୍ତ୍ରୀ କହିଛନ୍ ।

ପିଜି ମେଧା ତାଲିକା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଭିନ୍ ଭିନ୍ ସର୍କାରୀ ବିଶ୍ୱବିଦ୍ୟାଳୟ ଆର୍ କଲେଜ୍ ନ ସ୍ନାତକୋତର- ପିଜି ପାଠ୍ୟକ୍ରମ୍‌ଥି ନାଁଲେଖାର୍ ଲାଗି ରାଜ୍ୟ ସ୍ତରୀୟ ମେଧା ତାଲିକା ଆଏବା ୫ ତାରିକ୍ ଦିନ ବାହାର୍‌ବା । ୬ ନୁ ୧୨ ତାରିଖ୍ ଭିତ୍‌ରେ ତାଲିକାଥି ଥିବା ଛାତ୍ରଛାତ୍ରୀ ଚଏସ୍ ଫିଲିଂ ଲାଗି ସମିଆ ଧାରିଜ୍ କରାଯାଇଛେ । ପହେଲା ଖେପର୍ ସିଟ୍ ଏଲ୍‌ଟ୍‌ମେଂଟ୍ ଆଏବା ୨୦ ତାରିଖ୍ ଦିନ କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ୨୧ ନୁ ୨୪ ତାରିଖ୍ ଭିତ୍‌ରେ ପହେଲା ଖେପର୍ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ, ଧାରିଜ୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ରିପୋର୍ଟ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ଜଳଜୀବନ୍ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଜଳଜୀବନ୍ ମିଶନ୍ ଅଧୀନ୍‌ଥି ସାରା ଦେଶେ ୧୫ କୋଟି ପରିବାର୍‌କେ ପାଇପ୍ ଜରିଏ ପିଇବାର୍ ପାଏନ ଯୋଗାଣ ସୁବିଧା ଦିଆଯାଇଛେ ବଲି ବିଭାଗୀୟ ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ । ଲୋକ୍‌ସଭା ନ ଆଏଜ୍ ଇ ବାବଦର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ପାଟିଲ୍ କହିଛନ୍ ଯେ, ସୌରଶକ୍ତି ଉପ୍‌ରେ ଭିଲ୍ ଲୁକ୍‌କୁ ସଚେତନ୍ କରାଯାଉଛେ । ଇତାର୍ ଜରିଏ ଜଳଯୋଗାଣ ସୁବିଧା ଲାଗି

ଦର୍କାର୍ ପଡୁଥିବା ବିଜ୍ଲି ଖର୍ଚ୍ଚା କମ୍ବା ବଲି ଶ୍ରୀ ପାଟିଲ୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଟିଲ୍ କହିଛନ୍ ଯେ, ସ୍ୱଚ୍ଛ ଜଲଯୋଗାଣ ଲକ୍ଷ୍ୟଥି ୮ ହଜାର୍‌ନୁ ଅଏତ୍କା ଗାଁ ନ ଇତାର୍ ଭିତ୍‌ରେ ସର୍ଭେ କାମ୍ ପୁରା ହେଇଛେ ।

ବିପର୍ଯ୍ୟୟ ସଂଶୋଧନ୍ ବିଲ୍ ଆର୍‌ଏନ୍‌ୟୁ/ କଟକ୍

ବିପର୍ଯ୍ୟୟ ପରିଚାଲନା ସଂଶୋଧନ୍ ବିଲ୍- ୨୦୨୪ ଆଏଜ୍ ଲୋକ୍‌ସଭା ନ ଆଗତ୍ ହେଇଛେ । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଇ ବିଲ୍‌କେ ଆଗତ୍ କରିଛନ୍ । ଜାତୀୟ ବିପର୍ଯ୍ୟୟ ପରିଚାଲନା କର୍ତ୍ତୃପକ୍ଷ ଆଉ ରାଜ୍ୟ ବିପର୍ଯ୍ୟୟ ପରିଚାଲନା କର୍ତ୍ତୃପକ୍ଷଙ୍କର୍ କାର୍ଯ୍ୟପ୍ରଣାଳୀକେ ଅଏତ୍କା ଦୁରୁସ୍ତ୍ କର୍‌ବାର୍ ଲକ୍ଷ୍ୟଥି ଇ ସଂଶୋଧିତ୍ ପ୍ରସ୍ତାବ୍ ଆଗତ୍ ହେଇଛେ । ଇତାର୍‌ଲାଗି ଇ ଦୁହି କର୍ତ୍ତୃପକ୍ଷ ଜାତୀୟ ଆଉ ରାଜ୍ୟସ୍ତର୍ ନ ବିପର୍ଯ୍ୟୟ ପରିଚାଲନା ବାବ୍‌ଦର୍ ଯୋଜ୍‌ନା ତିଆର୍ କରିପାର୍‌ବେ ।

ଆଗ୍‌ରୁ ଇଟା ଜାତୀୟ କାର୍ଯ୍ୟକାରୀ କମିଟି ଆଉ ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟି ଉପ୍‌ରେ ନ୍ୟସ୍ତ ଥିଲା । ସଂଶୋଧିତ୍ ପ୍ରସ୍ତାବ୍ କାର୍ଯ୍ୟକାରୀ ହେଲେ ଜାତୀୟ ଆଉ ରାଜ୍ୟସ୍ତର୍ ନ ବିପର୍ଯ୍ୟୟ ପରିଚାଲନା ଡାଟାବେସ୍ ତିଆର୍ ହେଇପାର୍‌ବା । ରାଜ୍ୟ ମାନ୍‌କର୍ ରାଜ୍‌ଧାନୀ ଆର୍ ମହାନଗର୍ ନିଗମ୍ ଲାଗି ସହରାଂଚଲ୍ ବିପର୍ଯ୍ୟୟ ପରିଚାଲନା କର୍ତ୍ତୃପକ୍ଷ ଗଠନ୍

କର୍‌ବାର୍‌କେ ଇ ସଂଶୋଧିତ୍ ବିଲ୍‌ଥି ପ୍ରସ୍ତାବ୍ ରହିଛେ । ସେନ୍ତା ରାଜ୍ୟ ବିପର୍ଯ୍ୟୟ କାର୍ଯ୍ୟକାରୀ ଦଲ୍ ଗଠନ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ପାଖେ କ୍ଷମତା ରହେବା ।

ଅଲମ୍ପିକ୍ସ        ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ପେରିସ୍ ଅଲମ୍ପିକ୍ସ ନ ଭାରତ୍‌କେ ଆଉ ଗୁଟେ ପଦକ୍ ମିଲିଛେ । ୫୦ ମିଟର୍ ରାଇଫଲ୍ ୩ ପୋଜିସନ୍ ବର୍ଗଥି ସ୍ୱପ୍ନିଲ କୁଶାଲେ ବ୍ରୋଞ୍ଜ ପଦକ୍ ହାସଲ୍ କରିଛନ୍ । ଇ ପଦକ୍ ସହେତେ ଇ ଅଲମ୍ପିକ୍ସଥି ଭାରତ୍‌ର ପଦକ୍ ସଂଖ୍ୟା ୩ ଥି ପୁହୁଁଚିଛେ । ଆଗ୍‌ରୁ ବନ୍ଧୁକ୍ ଚାଲ୍‌ନାଥି ମନୁ ଭାକର୍ ଗୁଟେ ଆଉ ମନୁ ଭାକର୍ ଆର୍ ସରବ୍‌ଜୋତ୍ ସିଂ ଜୋଡ଼ିଙ୍କୁ ବ୍ରୋଞ୍ଜ୍ ପଦକ୍ ମିଲିଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ମୌସୁମୀ ବାୟୁର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ରହିରହିକରି ବର୍ଷା ହେଉଛେ । ଇ ଥିତି ଆଏବା ଶନିବାର୍‌ତକ୍ ଜାରି ରହେବା ବଲି ପାଣିପାଗ୍ କେନ୍ଦ୍ର ଆଗୁଆ ଅନୁମାନ୍ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ

ରାଜ୍ୟର୍ କେତେଟା ଜାଗା ନ ପ୍ରବଲ୍‌ନୁ ଅତିପ୍ରବଲ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ସମ୍ବଲ୍‌ପୁର୍, ବଲାଙ୍ଗିର୍, ପୁରୀ, ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ଜିଲ୍ଲାପାଲ୍‌ମାନ୍‌କୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସଜାଗ୍ କରେଇଛନ୍ । ତଲିଆ ଇଲାକାକେ ପାଏନ୍ ଚାପ୍‌ବାର୍ ଅନୁମାନ୍ ଥିବାର୍‌ନୁ ପ୍ରତିଷେଧମୂଲକ୍ ବ୍ୟବସ୍ଥା ଗ୍ରହଣ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।